بسم الله الرحمن الرحيم

**ଖୁତବା ଜୁମା ୨୦ ନଭେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବାଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ବଦରୀ ସାହାବାଙ୍କ ଜୀବନୀ ଚର୍ଚ୍ଚାରେ ଆଜି ଯେଉଁ ସାହାବାମାନଙ୍କର ମୁଁ ଚର୍ଚ୍ଚା କରିବି ତନ୍ମଧ୍ୟରୁ ପ୍ରଥମ ସାହାବୀ ହେଉଛନ୍ତି ହଜ଼ରତ ଔଫ୍ ବିନ୍ ହାରିସ୍ ବିନ୍ ରିଫା ଅନ୍‌ସାରୀ ର.ଅ । ଆଉ କେତେକ ବର୍ଣ୍ଣନାରେ ତାଙ୍କ ନାଁ ଔଫ୍ ବିନ୍ ଇଫ୍ରା, ଔଫ୍ ବିନ୍ ହାରିସ୍ ଓ ଅଜ଼ ବିନ୍ ଇଫ୍ରା ବୋଲି ବର୍ଣ୍ଣିତ ହୋଇଛି । ଓଫ୍ ବିନ୍ ହାରିସ୍ ର.ଅଙ୍କ ସଂପର୍କ ଅନ୍‌ସାର ସଂପ୍ରଦାୟର ବନୁ ନଜ୍ଜାର୍ ସହିତ ଥିଲା । ହଜ଼ରତ ମୁଆଜ଼ ର.ଅ ଓ ହଜ଼ରତ ମୁଅୱିଜ଼୍ ର.ଅ ହଜ଼ରତ ଔଫ୍ ର.ଅଙ୍କ ଭାଇ ଥିଲେ । ହଜ଼ରତ ଔଫ୍ ଅନ୍‌ସାର ସଂପ୍ରଦାୟର ସେହି ୬ ଜଣ ବ୍ୟକ୍ତିଙ୍କ ମଧ୍ୟରେ ସାମିଲ୍ ଥିଲେ ଯେଉଁମାନେ ସର୍ବପ୍ରଥମେ ମକ୍କା ଆସି ବୈଅତ୍ କରିଥିଲେ । ସେ ବୈଅତେ ଅକ୍‌ବାରେ ମଧ୍ୟ ସାମିଲ୍ ହୋଇଥିଲେ । ଯେତେବେଳେ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ହଜ଼ରତ ଅସ୍‌ଅଦ୍ ବିନ୍ ଜ଼ରାରାହ୍ ର.ଅ ଏବଂ ହଜ଼ରତ ଅମ୍ମାରାହ୍ ବିନ୍ ହିଜ଼ମ୍ ର.ଅଙ୍କ ସହିତ ମିଶି ବନୁ ମାଲିକ୍ ବିନ୍ ନଜ୍ଜାର୍‌ର ମୂର୍ତ୍ତିଗୁଡ଼ିକୁ ଭାଙ୍ଗିଥିଲେ । ବଦର୍ ଯୁଦ୍ଧ ଦିନ ଯେତେବେଳେ ଯୁଦ୍ଧ ଜାରି ଥିଲା ସେତେବେଳେ ହଜ଼ରତ ଔଫ୍ ବିନ୍ ହାରିସ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! ଅଲ୍ଲାଃତାଲା ନିଜ ଭକ୍ତର କେଉଁ କଥା ଯୋଗୁଁ ଅଧିକ ପ୍ରସନ୍ନ ହୁଅନ୍ତି । ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ କହିଲେ ଯେ, ଅଲ୍ଲାଃତାଲା ନିଜ ଭକ୍ତର ଏହି କଥା ଯୋଗୁଁ ଅଧିକ ପ୍ରସନ୍ନ ହୁଅନ୍ତି ଯେ, ଭକ୍ତ ହସ୍ତ ଯୁଦ୍ଧରେ ଅଭ୍ୟସ୍ତ ଥିବ ଏବଂ ତିଳେମାତ୍ର ଭୟଭୀତ ନ ହୋଇ ନିର୍ଭୀକ ଭାବରେ ଯୁଦ୍ଧ ଲଢୁଥିବ । ଏଥିରେ ହଜ଼ରତ ଔଫ୍ ବିନ୍ ଇଫ୍ରା ର.ଅ ନିଜର ଯୁଦ୍ଧ ପରିହିତ ପୋଷାକ ଓହ୍ଲାଇଦେଲେ ଏବଂ ଆଗକୁ ବଢି ଯୁଦ୍ଧ ଲଢିବାକୁ ଆରମ୍ଭ କରିଦେଲେ, ଏପର୍ଯ୍ୟନ୍ତକି ସେ ବୀରଗତି ପ୍ରାପ୍ତ କଲେ । ହଦିସ୍ ଏବଂ ସିରତ୍‌ର ପୁସ୍ତକରେ ବଦର୍ ଯୁଦ୍ଧରେ ଅବୁ ଜହଲ୍ ଉପରେ ଆକ୍ରମଣ କରିଥିବା ସାହାବାମାନଙ୍କ ବିଷୟରେ ଯେଉଁ ନାମ ଉଲ୍ଲେଖ ଥିବାର ପ୍ରମାଣ ମିଳେ ତନ୍ମଧ୍ୟରେ ହଜ଼ରତ ଔଫ୍ ବିନ୍ ଇଫ୍ରା ର.ଅ ମଧ୍ୟ ଜଣେ ଅଟନ୍ତି ।

ପରବର୍ତ୍ତୀ ଯେଉଁ ସାହାବୀଙ୍କ ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅ । ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅଙ୍କ ସଂପର୍କ ଅନ୍‌ସାର୍ ସଂପ୍ରଦାୟର ଖଜ଼ରଜ୍ ଶାଖା ବନୁ ନଜ୍ଜାର୍ ସହିତ ଥିଲା । ତାଙ୍କୁ ବୈଅତେ ଅକ୍‌ବା ସାନିୟା ଅବସରରେ ୭୦ ଜଣ ଅନ୍‌ସାର୍ ସାହାବାଙ୍କ ସହିତ ବୈଅତ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ପ୍ରବାସ ପରେ ରସୁଲୁଲ୍ଲାଃ ସ.ଅଙ୍କ ଯେତେବେଳେ ମଦିନାକୁ ଆଗମନ ହୋଇଥିଲା ସେତେବେଳେ ଆଁହଜ଼ରତ ସ.ଅଙ୍କ ବାସଗୃହ ଓ ମସ୍‌ଜିଦେ ନବୱୀ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ପର୍ଯ୍ୟନ୍ତ ତାଙ୍କରି ଘରେ ଅଧିବାସ ଗ୍ରହଣ କରିଥିଲେ । ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ ସ.ଅ ଯେତେବେଳେ ମଦିନାରେ ପ୍ରବେଶ କଲେ ସେତେବେଳେ ପ୍ରତ୍ୟେକ ବ୍ୟକ୍ତିର ଏହି ଇଚ୍ଛା ଓ ଅଭିଳାଷା ଥିଲା ଯେ, ଆଁହଜ଼ରତ ସ.ଅ ତାଙ୍କର ଘରେ ରୁହନ୍ତୁ । ଆଁହଜ଼ରତ ସ.ଅଙ୍କର ଓଟ ଯେଉଁ ଯେଉଁ ଗଳି ଦେଇ ଅତିକ୍ରମ କରୁଥିଲା ସେହି ଗଳିରେ ବସବାସ କରୁଥିବା ବଂଶର ଲୋକମାନେ ନିଜ ଘର ସମ୍ମୁଖରେ ଆସି ଛିଡ଼ା ହୋଇ ରସୁଲୁଲ୍ଲାଃ ସ.ଅଙ୍କୁ ସ୍ୱାଗତ ଜଣାଉଥିଲେ ଏବଂ କହୁଥିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! ଏ ହେଉଛି ଆମର ଘର ଏବଂ ଏ ହେଉଛି ଆମର ଧନ

ଓ ଏ ହେଉଛି ଆମମାନଙ୍କର ସର୍ବସ୍ୱ ଯାହା ଆପଣଙ୍କ ସେବାରେ ସମର୍ପିତ । ହେ ଅଲ୍ଲାଃଙ୍କ ରସୁଲ ! ଆମେମାନେ ଆପଣଙ୍କୁ ସୁରକ୍ଷା ଦେବା ପାଇଁ ସଂପୂର୍ଣ୍ଣ ରୂପେ ସକ୍ଷମ ଓ ପ୍ରତିଶୃତିବଦ୍ଧ, ତେଣୁ ଆପଣ ଆମ ଘରକୁ ଆଗମନ କରନ୍ତୁ। କେତେକ ଲୋକମାନେ ଉତ୍ସାହପୂର୍ବକ ଆଗକୁ ବଢୁଥିଲେ ଏବଂ ଓଟର ଦଉଡ଼ିକୁ ଧରି ପକାଉଥିଲେ । ଯେପରି ଆଁହଜ଼ରତ ସ.ଅଙ୍କୁ ସେମାନେ ନିଜ ଘରେ ଅବତୀର୍ଣ୍ଣ କରାଇ ନେବେ । କିନ୍ତୁ ଆଁହଜ଼ରତ ସ.ଅ ପ୍ରତ୍ୟେକ ବ୍ୟକ୍ତିକୁ ଏହି ଉତ୍ତର ଦେଲେ ମୋ ଓଟର ବାଟ ଛାଡ଼ ! ଏ ଆଜି ଅଲ୍ଲାଃତାଲାଙ୍କ ତରଫରୁ ନିୟୋଜିତ ହୋଇଛି, ତେଣୁ ଅଲ୍ଲାଃତାଲା ଯେଉଁଠି ଚାହିଁବେ ଏହି ଓଟଟି ସେଇଠି ଅଟକି ଯିବ । ପରିଶେଷରେ ଉକ୍ତ ଓଟଟି ମଦିନାର ପ୍ରାନ୍ତରେ ବନୁ ନଜ୍ଜାର୍‌ର ଦୁଇ ଅନାଥ ବାଳକଙ୍କ ଭୂମିରେ ଯାଇ ଅଟକିଲା । ଆଁହଜ଼ରତ ସ.ଅ ସେହି ସ୍ଥାନରେ ମସ୍‌ଜିଦ୍ ଏବଂ ନିଜର ବାସଗୃହ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଲେ । ଏହାପରେ ଆଁହଜ଼ରତ ସ.ଅ କହିଲେ ତୁମମାନଙ୍କ ମଧ୍ୟରୁ କାହାର ଘର ଏଠାରୁ ନିକଟବର୍ତ୍ତୀ । ଅବୁ ଅୟୁବ୍ ଅନ୍‌ସାରୀ ର.ଅ ଆଗକୁ ବଢିଲେ ଏବଂ କହିଲେ ହେ ରସୁଲୁଲ୍ଲାଃ ସ.ଅ ! ମୋର ଘର ସବୁଠୁ ପାଖରେ ଏବଂ ମୁଁ ଆପଣଙ୍କ ସେବାରେ ଉପସ୍ଥିତ ଏବଂ ଆପଣଙ୍କୁ ସ୍ୱାଗତ ଜଣାଉଛି । ଆଁହଜ଼ରତ ସ.ଅ କହିଲେ ତୁମେ ଘରକୁ ଯାଇ ଆମ ରହିବାର ବ୍ୟବସ୍ଥା କର । ଅବୁ ଅୟୁବ୍ ଅନ୍‌ସାରୀ ର.ଅଙ୍କ ଘର ଦୁଇ ମହଲା ବିଶିଷ୍ଟ ଥିଲା । ସେ ଆଁହଜ଼ରତ ସ.ଅଙ୍କ ଲାଗି ଉପର ମହଲାକୁ ପସନ୍ଦ କଲେ । ଅନ୍‌ସାର୍‌ମାନଙ୍କୁ ଆଁହଜ଼ରତ ସ.ଅଙ୍କ ସହିତ ଯେଉଁ ଘନିଷ୍ଠ ପ୍ରେମ ରହିଥିଲା ତାହାର ପରିପ୍ରକାଶ ଉକ୍ତ ଅବସରରେ ମଧ୍ୟ ହୋଇଥିଲା । ରସୁଲୁଲ୍ଲାଃ ସ.ଅଙ୍କ ଅନୁରୋଧ କ୍ରମେ ହଜ଼ରତ ଅୟୁବ୍ ଅନ୍‌ସାରୀ ମାନି ତ' ଗଲେ ଯେ, ଆଁହଜ଼ରତ ସ.ଅ ତଳ ମହଲାରେ ରହନ୍ତୁ । କିନ୍ତୁ ଅହୋରାତ୍ର ସ୍ୱାମୀ ସ୍ତ୍ରୀ ଉଭୟେ ଏହି ଚିନ୍ତାରେ ଉଜାଗର ରହିଲେ ଯେ, ରସୁଲୁଲ୍ଲାଃ ସ.ଅ ତାଙ୍କ ତଳେ ଶୋଇଛନ୍ତି । ତେବେ ସେମାନେ କିପରି ଆଁହଜ଼ରତ ସ.ଅଙ୍କର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିପାରିବେ ଯେ, ସେମାନେ ଛାତ ଉପରେ ଅର୍ଥାତ ଉପର ମହଲାରେ ଶୋଇବେ ଏବଂ ଆଁହଜ଼ରତ ସ.ଅ ତଳ ମହଲାରେ ଶୋଇବେ। ତେଣୁ ହଜ଼ରତ ଅୟୁବ୍ ଅନ୍‌ସାରୀ ର.ଅଙ୍କ ଆଁହଜ଼ରତ ସ.ଅଙ୍କ ପ୍ରତି ଏହା ଆନ୍ତରିକତାମୂଳକ ପ୍ରେମର ଏକ ପରିପ୍ରକାଶ ଥିଲା । ଦିନେ ରାତିରେ ଏକ ପାଣି ପାତ୍ର ତଳେ ଖସି ପଡ଼ିଲା ତେବେ ଅବୁ ଅୟୁବ୍ ଅନ୍‌ସାରୀ ଏହି ଚିନ୍ତାରେ ଛାନିଆ ହୋଇ ପଡ଼ିଲେ ଯେ, ଛାତ ତଳେ ପାଣି ନ ପଡୁ, ତେଣୁ ସେ ଦଉଡ଼ି ଯାଇ ନିଜର ବସ୍ତ୍ର ଉକ୍ତ ପାଣି ଉପରେ ପକାଇ ଦେଇ ବହି ଯାଉଥିବା ଜଳକୁ ପୋଛିଦେଲେ । ସକାଳ ବେଳେ ସେ ପୁଣି ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ସମସ୍ତ ବୃତ୍ତାନ୍ତ ଶୁଣେଇଲେ । ଏଥିରେ ରସୁଲୁଲ୍ଲାଃ ସ.ଅ ଉପର ମହଲାକୁ ଯିବା ପାଇଁ ରାଜି ହୋଇଗଲେ ।

ହଜରତ ଅବୁ ଅୟୁବ୍ ଅନ୍‌ସାରୀ ଆଁହଜ଼ରତ ସ.ଅଙ୍କ ଲାଗି ଖାଦ୍ୟ ପ୍ରସ୍ତୁତ କରୁଥିଲେ ଏବଂ ଯେତେବେଳେ ସେହି ଖାଦ୍ୟକୁ ଆଁହଜ଼ରତ ସ.ଅଙ୍କ ପଟୁ ତାଙ୍କ ଆଡ଼କୁ ଫେରାଇ ଅଣା ଯାଉଥିଲା ଯେଉଁଥିରେ ରସୁଣ ମିଶ୍ରିତ ଥିଲା, ଆଁହଜ଼ରତ ସ.ଅ ଉକ୍ତ ଖାଦ୍ୟ ଖାଇଲେ ନାହିଁ । ଏହା ଦେଖି ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅ ବିବ୍ରତ ହୋଇ ପଡ଼ିଲେ ଏବଂ ଆଁହଜ଼ରତ ସ.ଅଙ୍କ ଆଡ଼କୁ ଉପରକୁ ଗଲେ ଏବଂ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! କ'ଣ ରସୁଣ ଅବୈଧ ଅଟେ ? ନବୀ କରୀମ୍ ସ.ଅ କହିଲେ ନାହିଁ । କିନ୍ତୁ ମୁଁ ରସୁଣ ଖାଇବାକୁ ପସନ୍ଦ କରେ ନାହିଁ । ପ୍ରତ୍ୟୁତ୍ତରରେ ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ଯାହାକୁ ପସନ୍ଦ କରୁ ନାହାନ୍ତି ମୁଁ ବି ତାକୁ ପସନ୍ଦ କରିବି ନାହିଁ । ମୁସ୍‌ନଦ୍ ଅହେମଦ୍ ହମ୍ବଲ୍‌ର ଅନ୍ୟ ଏକ ବର୍ଣ୍ଣନାରେ ରସୁଣ ବଦଳରେ ପିଆଜ ବର୍ଣ୍ଣିତ ହୋଇଛି । ଆଁହଜ଼ରତ ସ.ଅ କହିଲେ ମୋ ନିକଟକୁ ଦେବଦୂତମାନେ ଆସୁଛନ୍ତି ଏବଂ ସେମାନେ ଏସବୁ ଖାଦ୍ୟର ଦୁର୍ଗନ୍ଧ ଯୋଗୁଁ ଯେପରି ପ୍ରଭାବିତ ନେହେବ ତେଣୁ ମୁଁ ତାହାର ସେବନ କରିବାକୁ ପସନ୍ଦ କରୁ ନାହିଁ । କିନ୍ତୁ ତୁମେମାନେ ତାହା ଖାଇପାର ।

ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ବଦର୍, ଓହୋଦ୍, ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ସାମିଲ୍ ହେବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ସେ ଏକ ଅବସରରେ ଆଁହଜ଼ରତ ସ.ଅଙ୍କ ଶିବିର ବାହାରେ ଅହୋରାତ୍ର ଏକ ଫୁଙ୍ଗୁଳା ଖଡ଼୍‌ଗ ଧରି ପହରା ଦେଉଥିଲେ । ଯେତେବେଳେ ଆଁହଜ଼ରତ ସ.ଅଙ୍କୁ ଏହା ଜ୍ଞାତ ହେଲା ସେତେବେଳେ ଆଁହଜ଼ରତ ସ.ଅ ଏହି ଦୁଆ କଲେ ଯେ, اَللّٰهُمَّ اِحْفِظْ اَبَا اَيُّبَ كَمَا بَاتَ يَحْفُظُنِيْ ଅର୍ଥାତ୍ ହେ ଅଲ୍ଲାଃ ! ଯେଉଁଭଳି ଭାବରେ ଅବୁ ଅୟୁବ୍ ମୋତେ ଅହୋରାତ୍ର ସୁରକ୍ଷା ଦେବାରେ ନିଜର ସମୟକୁ ଅତିବାହିତ କରିଥିଲେ ସେହିପରି ଅବୁ ଅୟୁବ୍ ଅନ୍‌ସାରୀଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କର ।

ହଜ଼ରତ ସଇଦ୍ ବିନ୍ ମୁସୟେବ୍ ବର୍ଣ୍ଣନା କରନ୍ତି ଯେ, ଏକଦା ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ଆଁହଜ଼ରତ ସ.ଅଙ୍କ ପବିତ୍ର ଦାଢିରେ ଏକ କୁଟା ଆଦି ଲାଗିଥିବାର ଦେଖିବାକୁ ପାଇଲେ, ତେବେ ସେ ତାହାକୁ ବାହାର କରିଦେଲେ ଏବଂ ଆଁହଜ଼ରତ ସ.ଅଙ୍କୁ ଦେଖାଇଲେ । ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ ଅବୁ ଅୟୁବ୍‌ଙ୍କୁ କହିଲେ ଅଲ୍ଲାଃତାଲା ସେହି ବସ୍ତୁକୁ ଦୂରୀଭୂତ କରିବେ ଯାହାକୁ ସେ ନାପସନ୍ଦ କରନ୍ତି । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜ଼ରତ ସ.ଅ କହିଲେ ହେ ଅବୁ ଅୟୁବ୍ ! ତୁମକୁ ଯେପରି କଷ୍ଟ ନହେଉ ।

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅ ବର୍ଣ୍ଣନା କରନ୍ତି ମୁଁ ଆଁହଜ଼ରତ ସ.ଅଙ୍କୁ ଏହା କହୁଥିବାର ଶୁଣିଛି କି ଯେଉଁ ବ୍ୟକ୍ତି ମା ଓ ତା'ର ପୁତ୍ର ମଧ୍ୟରେ ବିରହତା ସୃଷ୍ଟି କରେ ଅଲ୍ଲାଃତାଲା ସେହି ବ୍ୟକ୍ତି ଓ ତା'ର ପ୍ରିୟଜନଙ୍କ ମଧ୍ୟରେ ମହାପ୍ରଳୟ ଦିବସରେ ବିରହର ବ୍ୟବଧାନ ସୃଷ୍ଟି କରିଦେବେ ।

ହଜ଼ରତ ମର୍‌ସଦ୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅ କୁହନ୍ତି ରସୁଲୁଲ୍ଲାଃ ସ.ଅ କହିଲେ ଯେ, ମୋ ସଂପ୍ରଦାୟରେ ସେହି ସମୟ ପର୍ଯ୍ୟନ୍ତ ହିତରେ ରହିବ କିମ୍ବା ଏହା କହିଲେ ଯେ, ମୋର ସଂପ୍ରଦାୟ ନିଜ ଉତ୍ତମ ସ୍ୱଭାବ ଉପରେ ପ୍ରତିଷ୍ଠିତ ରହିବ, ଯେପର୍ଯ୍ୟନ୍ତ ଆକାଶ ତାରକାମାନେ ନିଜର ଜ୍ୟୋତି ପ୍ରକାଶ କରି ନାହାନ୍ତି ସେପର୍ଯ୍ୟନ୍ତ ସେମାନେ ମଗ୍‌ରିବ୍ ନମାଜ୍ ପଢିବାରେ ବିଳମ୍ବ ନ କରିଛନ୍ତି । ଅବୁ ୱାସିଲ୍ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ ସ.ଅଙ୍କର କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ମଗ୍‌ରିବ୍ ନମାଜ଼କୁ ପ୍ରଥମ ଧାର୍ଯ୍ୟ ସମୟରେ ହିଁ ପଢିବା ଉଚିତ୍ ବିଳମ୍ବ କରିବା ଅନୁଚିତ୍ । ଅବୁ ୱାସିଲ୍ ବର୍ଣ୍ଣନା କରନ୍ତି ଯେ, ମୁଁ ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅଙ୍କୁ ସାକ୍ଷାତ୍ କଲି । ସେ ମୋ ସହିତ କରମର୍ଦ୍ଦନ କଲେ ଏବଂ ଦେଖିଲେ ଯେ, ମୋର ନଖ ବହୁତ ଲମ୍ବା ହୋଇଯାଇଛି । ତେବେ ସେ କହିଲେ ଯେ, ମୁଁ ଆଁହଜ଼ରତ ସ.ଅଙ୍କୁ ଏହା କହୁଥିବାର ଶୁଣିଛି ଯେ, "ତୁମମାନଙ୍କ ମଧ୍ୟରୁ ମୋତେ ଦେବଲୋକର ଖବର ସଂପର୍କରେ ପ୍ରଶ୍ନ କରନ୍ତି ଅଥଚ ସେମାନେ ନିଜର ଏତେ ଲମ୍ବା ନଖ ରଖୁଛନ୍ତି ଯେପରି ପକ୍ଷୀମାନଙ୍କର ବଡ଼ ବଡ଼ ନଖ ଥାଏ । ସେହି ନଖରେ ଅପବିତ୍ରତା ଏବଂ ମଇଳା ଜମି ଯାଇଥାଏ । ଅର୍ଥାତ ସେମାନେ କଥା ତ' ବଡ଼ ବଡ଼ କରନ୍ତି ଏବଂ ଈଶ୍ୱର ସମ୍ବନ୍ଧିତ ଜ୍ଞାନ ବିଷୟରେ ବଡ଼ ବଡ଼ ପ୍ରଶ୍ନ କରନ୍ତି କିନ୍ତୁ ତୁମ ମାନଙ୍କର ଏଭଳି ଅବସ୍ଥା ରହିଛି ଯେ, ତୁମ ମାନଙ୍କର ବଡ଼ ବଡ଼ ନଖ ରହିଛି ଏବଂ ତହିଁରେ ଅସନା ଏବଂ ଅପବିତ୍ରତା ଏକତ୍ରିତ ହୋଇଯାଇଥାଏ । ଏଣୁ ତୁମେ ନିଜ ନଖକୁ ସର୍ବଦା କାଟି ପରିଷ୍କାର ରଖ ।"

ହଜ଼ରତ ଅବୁ ଅୟୁବ୍ ର.ଅଙ୍କ ନିର୍ବିବାଦ ରୂପେ ଏତେ ମର୍ଯ୍ୟାଦା, ପ୍ରତିଷ୍ଠା ଏବଂ ପୂର୍ଣ୍ଣତା ରିହଥିଲା ଯେ, ସ୍ୱୟଂ ସାହାବାମାନେ କୌଣସି ସମସ୍ୟା ସଂପର୍କରେ ତାଙ୍କ ଠାରୁ ଜାଣିବା ପାଇଁ ଆସୁଥିଲେ । ଯେତେବେଳେ ହଜ଼ରତ ଅବୁ ଅୟୁବ୍ ଅନ୍‌ସାରୀ ର.ଅଙ୍କ ବିୟୋଗ ସମୟ ପାଖେଇ ଆସିଲା ସେତେବେଳେ ସେ କହିବାକୁ ଲାଗିଲେ ଯେ, ମୁଁ ତୁମମାନଙ୍କୁ ଏକ ହଦିସ୍ କହିବି ଯାହାକି ମୁଁ ଆଁହଜ଼ରତ ସ.ଅଙ୍କ ଠାରୁ ଶୁଣିଥିଲି ଯେ, ଯେଉଁ ବ୍ୟକ୍ତିର ଏଭଳି ଅବସ୍ଥାରେ ବିୟୋଗ ଘଟେ ଯେ, ସେ ଅଲ୍ଲାଃତାଲାଙ୍କ ସହିତ କାହାରିକୁ ବି ସାମିଲ୍ କରି ନଥିବ ତାହାହେଲେ ସେ ନିର୍ଦ୍ୱନ୍ଦ୍ୱରେ ବୈକୁଣ୍ଠରେ ପ୍ରବେଶ କରିବ ।

ହଜ଼ରତ ଅବୁ ଅୟୁବ ଅନ୍‌ସାରୀ ର.ଅ ବଦର୍ ଯୁଦ୍ଧରେ ସାମିଲ୍ ଥିଲେ । ଯେତେବେଳେ ସେ ଅନ୍ୟ ଯୁଦ୍ଧରେ ସାମିଲ୍ ହେଲେ ସେତେବେଳେ ସେ ମୁସଲମାନମାନଙ୍କର କୌଣସି ଯୁଦ୍ଧରେ ପଛେଇ ନଥିଲେ । ଅର୍ଥାତ ଯେତେବେଳେ ଏକ ସମୟରେ ଦୁଇଟି ଭିନ୍ନ ଭିନ୍ନ ଯୁଦ୍ଧ ହେଉଥିଲା ସେତେବେଳେ ସେ କୌଣସି ନା କୌଣସି ଯୁଦ୍ଧରେ ନିଶ୍ଚୟ ସାମିଲ୍ ହେଉଥିଲେ । ଗୋଟିଏ ଯୁଦ୍ଧ ସମୟରେ ଅବୁ ଅୟୁବ ଅନ୍‌ସାରୀ ର.ଅ ଅସୁସ୍ଥ ଥିଲେ ଯଦ୍ୱାରା ସେ ଯୁଦ୍ଧରେ ସାମିଲ ହୋଇପାରି ନଥିଲେ । ସୈନ୍ୟଦଳର ସେନାପତି ୟଜ଼ିଦ୍ ବିନ୍ ମୁଆୱିୟା ଥିଲେ । ସେ ଅୟୁବ୍ ର.ଅଙ୍କ ନିକଟକୁ ରୋଗୀ ପରିଦର୍ଶନ (ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା) ପାଇଁ ଆସିଲେ ଏବଂ ପଚାରିଲେ ଯେ, ଆପଣଙ୍କୁ ଯଦି କୌଣସି ବସ୍ତୁର ଆବଶ୍ୟକତା ରହିଛି ତାହାହେଲେ ଆପଣ ନିଃଶଙ୍କୋଚରେ ମୋତେ କହି ପାରିବେ । ସେ କହିଲେ ମୋର ଏହି ଶେଷ ଇଚ୍ଛା ରହିଛି ଯେ, ଯେତେବେଳେ ମୁଁ ମରିଯାଏ ସେତେବେଳେ ଆପଣମାନେ ମୋର ମର ଶରୀରକୁ ଶତ୍ରୁ ଦେଶକୁ ନେଇଯିବେ । ଯଦି ତାହା ସମ୍ଭବ ନହେଲା ତେବେ ସେଇଠି ମୋତେ ସମାଧି ଦେବ ଏବଂ ସେଠାରୁ ଫେରି ଆସିବ । ଯେତେବେଳେ ହଜ଼ରତ୍ ଅବୁ ଅୟୁବ୍ ଅନ୍‌ସାରୀ ର.ଅଙ୍କ ମୃତ୍ୟୁ ଘଟିଲା ସେତେବେଳେ ସେ ତାଙ୍କୁ ଅଶ୍ୱ କିମ୍ବା ଓଟ ଉପରେ ଆରୋହଣ କରି ଯଥାସମ୍ଭବ ଶତ୍ରୁ ଦେଶକୁ ନେଇଗଲେ ଏବଂ ତାଙ୍କୁ ସେଠାରେ କବର ଦେଇ ଫେରି ଆସିଥିଲେ ।

ହଜ଼ରତ ଅୟୁବ୍ ଅନ୍‌ସାରୀ ର.ଅ ରସୁଲ୍ କରୀମ ସ.ଅଙ୍କ ପରେ ନିଜର ମୃତ୍ୟୁ ପର୍ଯ୍ୟନ୍ତ ଜେହାଦ୍ ସହିତ ଜଡ଼ିତ ରହିଲେ । ଏପର୍ଯ୍ୟନ୍ତ କି ତାଙ୍କର ବିୟୋଗ କୁସ୍ତୁନତୁନିୟା ଠାରେ ହୋଇଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ୫୨ ହିଜରୀରେ ସେ ନିଜର ପିତା ଅମୀର ମୁଆୱିୟାର ଖିଲାଫତ୍‌ରେ କୁସ୍ତୁନତୁନିୟାର ଯୁଦ୍ଧ ଲଢିଥିଲେ ଏବଂ ଏହି କୁସ୍ତୁନତୁନିୟା ଯୁଦ୍ଧରେ ହିଁ ସେ ମୃତ୍ୟୁବରଣ କରିଥିଲେ । ୟଜ଼ିଦ୍ ବିନ୍ ମୁଆୱିୟା ତାଙ୍କର ନମାଜ଼ ଯନାଜାଃ ପଢେଇଥିଲେ । ହଜ଼ରତ ଅବୁ ଅୟୁବ ଅନ୍‌ସାରୀ ର.ଅଙ୍କ କବର ତୁର୍କୀ ସହରର ଇସ୍ତାନ୍‌ବୁଲ ଠାରେ ଅବସ୍ଥିତ । ତୁର୍କୀର ଲୋକ ଆତ୍ମଶାନ୍ତି ଲଭିବା ପାଇଁ ଏଠାରେ ଉପସ୍ଥିତ ହୋଇ ଥାଆନ୍ତି ।

ହୁଜୁର ଅନୱର୍ ଅ.ବ କହିଲେ: ବର୍ତ୍ତମାନ ବଦରୀ ସାହାବାଙ୍କ ଚର୍ଚ୍ଚା ଏଠାରେ ସମାପ୍ତ ହେଲା । କିନ୍ତୁ ଆଗାମୀ **ଇନ୍‌ଶାଅଲ୍ଲାଃ** ଚାରି ଜଣ ଖଲିଫାଙ୍କର ଚର୍ଚ୍ଚା କରିବି । ପ୍ରଥମେ ଏମାନଙ୍କର ସଂକ୍ଷିପ୍ତ ଆଲୋଚନା ହୋଇଥିଲା । ବର୍ତ୍ତମାନ **ଇନ୍‌ଶାଅଲ୍ଲାଃ** ତାଙ୍କ ବିଷୟରେ ବିସ୍ତୃତ ବିବରଣୀ ବର୍ଣ୍ଣନା କରିବି ।

ବର୍ତ୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ବିଗତ ଦିନରେ ଯେଉଁମାନଙ୍କର ବିୟୋଗ ହୋଇଥିଲା ଏବଂ ନମାଜ଼ ଜୁମା ପରେ ଏମାନଙ୍କର ନମାଜ଼ ଯନାଜ଼ାଃ ପଢେଇବି । **ପ୍ରଥମ** ହେଉଛି ସମ୍ମାନନୀୟ ସ୍ୱର୍ଗତ ଅବ୍‌ଦୁଲ୍ ହଇ ମଣ୍ଡଲ୍ ସାହେବ ମୁଅଲ୍ଲିମେ ସିଲାସିଲା ଇଣ୍ଡିଆଙ୍କର ଅଟେ । **ଦ୍ୱିତୀୟ** ଯନାଜାଃ ହେଉଛି ସମ୍ମାନନୀୟ ସିରାଜୁଲ୍ ଇସ୍‌ଲାମ୍ ମୁଅଲ୍ଲିମ୍ ସାହେବଙ୍କର । ସିରାଜୁଲ୍ ଇସ୍‌ଲାମ୍ ସାହେବ୍ ପଶ୍ଚିମବଙ୍ଗର ରାଜ୍ୟର ମୁର୍ଶିଦାବାଦ୍ ଜିଲ୍ଲାର ମୁଅଲ୍ଲିମ୍ ଥିଲେ । **ତୃତୀୟ** ଯନାଜାଃ ହେଉଛି ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ପୌତ୍ର ସମ୍ମାନନୀୟ ସ୍ୱର୍ଗତ ଶାହିଦ୍ ଖାନ୍ ପାଶା ସାହେବ, ହଜ଼ରତ ନୱାବ୍ ଅମତୁଲ୍ ହଫିଜ଼୍ ବେଗମ୍ ସାହେବାଙ୍କ ସୁପୁତ୍ର ଏବଂ **ଚତୁର୍ଥ** ଯନାଜାଃ ହେଉଛି ୟୁ.କେ ଶେଫଲଡ୍‌ର ସମ୍ମାନନୀୟ ସ୍ୱର୍ଗତ ସୟଦ୍ ମସ୍‌ଉଦ୍ ଅହେମଦ ସାହେବଙ୍କର । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟଭାବ ପ୍ରଦର୍ଶନ କରନ୍ତୁ ଏବଂ ବୈକୁଣ୍ଠରେ ମୃତକଙ୍କର ସ୍ତରକୁ ଉନ୍ନିତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ, ସେମାନଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

........................